# Akashvani, Sambalpur

## SAMBALPURI NEWS EVENING BULLETIN

## 9 February 2026 - 7.02 pm- 7.12 pm.

**********************************************

୧- ପାଠ୍‌ପଢ଼ା ଆଉ ଲକ୍ଷ୍ୟ ଭିତ୍‌ରେ ସନ୍ତୁଲନ୍ ରଖିକରି ଆଗ୍‌କେ ବଢ଼୍‌ବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ପରୀକ୍ଷା ପେ ଚର୍ଚ୍ଚାର୍ ୯ ନମ୍ବର୍ ସଂସ୍କରଣ୍‌ଥି କଲେ ବିଚାର୍ ବିନିମୟ ।

୨- ବ୍ୟବସ୍ଥା ଆଉ ଜନତାଙ୍କର୍ ଭିତ୍‌ରେ ଥିବା ବ୍ୟବଧାନ୍ ଦୂର୍ କର୍‌ବାର୍ ଲାଗି ସର୍‌କାର୍ ଅହରହ କାମ୍ କରୁଛନ୍ କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଆଏବା କାଏଲ୍‌ଠାନୁ ଫାଇଲେରିଆ ନିରାକରଣ୍ ଆଉ କୃମିନାଶନ ଲାଗି ଦିଆଯିବା ଉଷୋ ।

ଆଉର୍

୪- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷା ଲାଗି ଆଏବା କାଏଲ୍‌ଠାନୁ କେନ୍ଦ୍ରମାନ୍‌କେ ପଠାଯିବା ପ୍ରଶ୍ନପତ୍ର ।

ପରୀକ୍ଷା ପେ ଚର୍ଚ୍ଚା          ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଠ୍‌ପଢ଼ା ଆଉ ଭବିଷ୍ୟତ୍ ଲକ୍ଷ୍ୟ ଆମର୍ ଜୀବନ୍‌ଥି ବହୁତ୍ ଗୁରୁତ୍ୱ ରଖ୍‌ସି । ହେଥିର୍‌ଲାଗି ପାଠ୍‌ପଢ଼ା ଆଉ ଲକ୍ଷ୍ୟ ଭିତ୍‌ରେ ସନ୍ତୁଲନ୍ ରଖିକରି ଛାତ୍ରଛାତ୍ରୀମାନ୍‌କୁ ଆଗ୍‌କେ ବଢ଼୍‌ବାର୍‌କେ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ । ପରୀକ୍ଷା ପେ ଚର୍ଚ୍ଚାର୍ ୯ ନମ୍ବର୍ ସଂସ୍କରଣ୍‌ର ୨ ନମ୍ବର୍ ଖେପ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଏଜ୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ବାର୍ତ୍ତାଳାପ କରିକରି ଚାପମୁକ୍ତ ପରୀକ୍ଷା ବାବ୍‌ଦେ ବୁଝେଇଛନ୍ । ଛାତ୍ରଛାତ୍ରୀମାନ୍‌କୁ ଛୋଟ୍‌ଛୋଟ୍ ଷ୍ଟାର୍ଟଅପ୍‌ନୁ ସେମାନ୍‌କର୍ ଉଦ୍ୟୋଗୀ ଯାତ୍ରାକେ ମୁଲ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇକରି କହିଛନ୍, ଛୋଟ୍ ଛୋଟ ଯୋଜ୍‌ନା ମାନେ ଆଗ୍‌କେ ବହୁତ୍ ବଡ଼ ପ୍ରକଳ୍ପ ହେବାର୍ ସମ୍ଭାବନା ଥିସି । ହେଥିର୍‌ଲାଗି ଛାତ୍ରଛାତ୍ରୀମାନେ ଶିଳ୍ପକ୍ଷେତ୍ର ନ ଥିବାର୍ ଲୁକ୍‌କର୍ ଠାନୁ ଶିକ୍ଷା ପାଇକରି କର୍ମକ୍ଷେତ୍ର ନ ଲଗାବାର୍‌କେ ପରାମର୍ଶ ଦେଇଛନ୍ ।

ଏଆଇର୍ ଲାଗି ଦେଖାଦଉଥିବା ଡର୍ ଆର୍ ଭବିଷ୍ୟତ୍ ଉପ୍‌ରେ ଇତାର୍ ପ୍ରଭାବ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ କ୍ଷେତ୍ରଥି ଛାତ୍ରଛାତ୍ରୀମାନ୍‌କୁ ନିର୍ଣ୍ଣାୟକ ହେବାର୍‌କେ ପଡ଼୍‌ବା । ପ୍ରଯୁକ୍ତିବିଦ୍ୟାର୍ ଦୁନିଆଥି ଚୂଡ଼ାନ୍ତ ନିଷ୍ପତି ଖାଲି ମୁନୁଷ୍‌ର ହେବାର୍ କଥା । ପ୍ରଯୁକ୍ତିବିଦ୍ୟାକେ ବୁଦ୍ଧିମତାର୍ ବିକଳ୍ପ ହେବାର୍‌କେ ନାଇଁ ଦେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ପରୀକ୍ଷା ପେ ଚର୍ଚ୍ଚାର୍ ୯ ନମ୍ବର୍ ସଂସ୍କରଣ୍‌ର ୨ ନମ୍ବର୍ ଖେପ୍‌ଥି ଆଏଜ୍ ତାମିଲ୍‌ନାଡୁର୍ କୋଏମ୍ବାଟୁର୍, ଛତିଶ୍‌ଗଡ୍‌ର ରାୟପୁର୍, ଗୁଜୁରାଟ୍‌ର ଦେବମୁଗ୍ରା ଆଉ ଆସାମ୍‌ର ଗୁଆହାଟୀ ପରୀକ୍ଷା ଯୋଦ୍ଧା ମାନ୍‌କର୍ ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଭାବ୍ ବିନିମୟ କରିଥିଲେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ମୁଖ୍ୟମନ୍ତ୍ରୀ/ଏକ୍ସ

ବ୍ୟବସ୍ଥା ଆଉ ଜନତାଙ୍କର୍ ଭିତ୍‌ରେ ଥିବା ବ୍ୟବଧାନ୍ ଦୂର୍ କର୍‌ବାର୍ ଲାଗି ସର୍‌କାର୍ ଅହରହ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ୟୁନିଟ୍-୨ ନ ଥିବା ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଆଏଜ୍ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିକରି ଶ୍ରୀ ମାଝୀ କହିଛନ୍, ରାଜ୍ୟ ସର୍‌କାର୍‌ଙ୍କର୍ ଲାଗି ସବୁ ନାଗରିକଙ୍କର୍ କଥା ଗୁରୁତ୍ୱପୂର୍ଣ୍ଣ ଆଏ । ସାଧାରଣ୍ ଲୁକ୍‌କର୍ ସମସ୍ୟା ଆଉ ଅଭିଯୋଗ୍‌କେ ଗମ୍ଭୀରତାର୍ ସହେତେ ବିଚାର୍ କରିକରି ତାର୍ ତୁର୍‌ତି ଆଉ ସ୍ଥାୟୀ ସମାଧାନ୍ କର୍‌ବାର୍ ଉପ୍‌ରେ ସର୍‌କାର୍ ପ୍ରାଥମିକତା ଦଉଛନ୍ । ପ୍ରଶାସନ୍‌କେ ସିଧାସଲଖ୍ ଲୁକ୍‌କର୍ ପାଖେ ପୁହୁଁଚାବାର୍ ଆଉ ଗୁଟେ ସମୃଦ୍ଧ ଆଉ ନ୍ୟାୟପୂର୍ଣ୍ଣ ସମାଜ୍

ଗଠନ୍ ଦିଗେ ସର୍କାର୍ଙ୍କର୍ ଇ ଚେରେଷ୍ଟା ଜାରି ରହେବା ବଲି ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଆମ୍ବୁଲେନ୍ସ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ୨ ଶହ ୫୦ ଟା ନୂଆଁ ଆମ୍ବୁଲେନ୍ସ ଗାଡ଼ିର୍ ଶୁଭାରମ୍ଭ କର୍‌ବେ । ଆଏବାକାଏଲ୍ ସଖାଲର୍ ୧୧ ବଜେ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଇତାର୍ ଉଦ୍‌ଘାଟନୀ ସମାରୋହ ଆୟୋଜନ୍ କରାଯାଇଛେ । ସମାରୋହଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ଭିନ୍ ଭିନ୍ ଅତିଥି ମାନେ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଉପମୁଖ୍ୟମନ୍ତ୍ରୀ-କଲାହାଣ୍ଡି, କନ୍ଧମାଲ କଲାହାଣ୍ଡି ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଠାନୁ ୨ ଦିନିଆ କଲାହାଣ୍ଡି ଆଉ କନ୍ଧମାଲ୍ ଗସ୍ତ କରିଛନ୍ । ଗସ୍ତର୍ ପହେଲା ଦିନେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କଲାହାଣ୍ଡି ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଉପମୁଖ୍ୟମନ୍ତ୍ରୀ ଉହେଲା ବିମାନ୍ ବନ୍ଦର୍ ନ ଉତ୍‌ରିଲା

ଉତ୍‌ରୁ ଦଲର୍ ନେତା ଆଉ କର୍ମୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍‌ଥି ଯୋଗ୍ ଦେଇଥିଲେ ।  ତାର୍ ଉତ୍‌ରୁ ଶ୍ରୀମତୀ ପରିଡ଼ା ଗୁର୍ଜିମୁଣ୍ଡା ଯୋଗମାୟା ପୀଠ ନ ମାଁଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ପୀଠର୍ ବିକାଶ୍ ଲାଗି ପ୍ରସ୍ତାବିତ୍ ପ୍ରକଳ୍ପ ମାନ୍‌କର୍ ଥିତିର୍ ସମୀକ୍ଷା କରିଥିଲେ । ଖୋବ୍ ଜଲ୍‌ଦି ଯୋଗମାୟା ପୀଠକେ ପର୍ଯ୍ୟଟନ୍ ସ୍ଥଲୀର୍ ମାଏନ୍‌ତା ଦିଆଯିବା ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । କେସିଙ୍ଗା ସଂସ୍କୃତି ଭବନ୍ ନ ହେଇଥିବା ସିଟିଜନ୍‌ସ ଫୋରମ୍‌ର ବାର୍ଷିକ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଜିଲ୍ଲାକେ ପର୍ଯ୍ୟଟନ୍ କ୍ଷେତ୍ରର୍ ଉତ୍କର୍ଷ କେନ୍ଦ୍ର କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ହସ୍ତତନ୍ତ କ୍ଷେତ୍ରଥି କାମ୍ କରୁଥିବା ମହିଳାମାନ୍‌କର୍ ଲାଗି ଗୁଟେ କ୍ଲଷ୍ଟର୍ ଟୁରିଜିମ୍ ବ୍ୟବସ୍ଥା କରାଯିବା ବଲି ସେ କହିଛନ୍ ।

ଏନ୍‌ପିଏସ୍ ସେବା ସପ୍ତାହ      ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟର୍ ସ୍ୱତନ୍ତ୍ର କୋଷାଗାର୍ ତର୍‌ଫୁ ଆଏଜ୍‌ଠାନୁ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜ୍‌ନା ଏନ୍‌ପିଏସ୍ ସେବା ସପ୍ତାହ ପାଲନ୍ କରାଯାଉଛେ । କାର୍ଯ୍ୟକ୍ରମ୍ ଆଏବା ୧୩ ତାରିଖ୍‌ତକ୍ ଚାଲ୍‌ବା । ଇ ସମିଆଥି ଏନ୍‌ପିଏସ୍‌ଥି ସାମିଲ୍ ଥିବା ରାଜ୍ୟ ସର୍‌କାର୍‌ଙ୍କର୍ ସବୁ କର୍ମଚାରୀ ଆଉ

ଉଠାଣ ଆଉ ବିତରଣ ଅଧିକାରୀ ମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କରାଯିବା ।

ଫାଇଲେରିଆ ନିରାକକରଣ ଅଭିଯାନ୍   ଆଇ.ଆଣ୍ଡ୍.ପି.ଆର

ରାଏଜେ ଆଏବାକାଏଲ୍‌ଠାନୁ ଫାଇଲେରିଆ ନିରାକରଣ ଆଉ କୃମିନାଶନ୍ ଲାଗି ସାମୂହିକ୍ ଉଷୋ ଖୁଆଯିବା । ୧୯ ତାରିଖ୍ ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ବଲାଙ୍ଗିର୍, ବରଗଡ୍, ଗଞ୍ଜାମ୍, ଢେଙ୍କାନାଲ୍, ଯାଜ୍‌ପୁର୍ ଜିଲ୍ଲାର୍ ୭ ଟା ବ୍ଲକ୍ ଆଉ ସହରାଂଚଲ୍ ନ ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଖୁଆଯିବା । ଆଶାକର୍ମୀ ଆଉ ତାଲିମ୍ ପାଇଥିବା ସ୍ୱେଚ୍ଛାସେବୀମାନେ ଘର୍, ସ୍କୁଲ୍, କଲେଜ୍ ଆଉ ଅଫିସ୍ ମାନ୍‌କେ ଯାଇକରି ଉଷୋ ଖୁଆବେ ।

ମେଟ୍ରିକ୍ ପରୀକ୍ଷା-ପ୍ରଶ୍ନପତ୍ର          ହି.ସ.

ଇ ବଛର୍ ମେଟ୍ରିକ୍ ପରୀକ୍ଷା ଆଏବା ୧୯ ତାରିଖ୍‌ନୁ ମୁଳ୍ ହେବା । ଇଥିର୍‌ଲାଗି ଆଏବା କାଏଲ୍‌ଠାନୁ ପରୀକ୍ଷା କେନ୍ଦ୍ର ମାନ୍‌କେ ପ୍ରଶ୍ନପତ୍ର ପଠାଯିବାର୍ ମୁଳ୍ କରାଯିବା ବଲି ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ଶ୍ରୀ ତରାଇଙ୍କର୍ ସୂଚ୍‌ନା ଅନ୍‌ସାରେ, ଇ ବଛର୍ ରାଏଜେ ୩

ହଜାର୍ ୮୨ ଟା କେନ୍ଦ୍ର ନ ପରୀକ୍ଷା କରାଯିବା । ପହେଲା ଖେପ୍‌ଥି ଆଏବା କାଏଲ୍ ୪ ଟା ଜିଲ୍ଲାକେ ପ୍ରଶ୍ନ ପତ୍ର ପଠାଯିବା । ପ୍ରଶ୍ନପତ୍ର ରଖ୍‌ବାର୍ ଲାଗି ୩ ଶହ ୨୨ ଟା ନୋଡ଼ାଲ୍ ସେଂଟର୍ ରହିଛେ । ସବୁ ସେଂଟର୍ ନ କଡ଼ା ସୁରକ୍ଷା ସହେତେ ସିସିଟିଭି ବ୍ୟବସ୍ଥା କରାଯାଇଛେ । ନକ୍ସଲ୍ ପ୍ରଭାବିତ୍ କନ୍ଧମାଲ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ସୁରକ୍ଷା ଥିତିକେ ନଜର୍‌ଥି ରଖିକରି ୧୭ ଟା ଥାନା ନ ପ୍ରଶ୍ନପତ୍ର ରଖାଯିବା । ଆଏବା ୧୭ ତାରିଖ୍‌ତକ୍ ସବୁ ଜାଗାକେ ପ୍ରଶ୍ନପତ୍ର ମାନେ ପୁହୁଁଚିଯିବା ବଲି ଶ୍ରୀ ତରାଇ କହିଛନ୍ ।

(ଭଏସ୍ ଓଭର୍- ଶ୍ରୀକାନ୍ତ ତରାଇ)

ସୂଚ୍‌ନା ଅନ୍‌ସାରେ ଇ ବଛର୍ ରାଏଜେ ୫ ଲାଖ୍ ୬୧ ହଜାର୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ମେଟ୍ରିକ୍ ପରୀକ୍ଷା ଦେବାର୍ ଲାଗି ଫର୍ମ ଫିଲପ୍ କରିଛନ୍ ।

ରାଜସ୍ୱ ମନ୍ତ୍ରୀ-ଶିଳାନ୍ୟାସ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍ ନ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପ ଶିଳାନ୍ୟାସ୍ କର୍‌ବାର୍ ସହେତେ ଭୂମିହୀନ ମାନ୍‌କୁ ଜମିପଟ୍ଟା ବାଂଟିଛନ୍ । ୭୨ ଲାଖ୍ ଟଙ୍କାଥି ପିପିଲିକାନି ନୁ କୁମ୍ଭରବନ୍ଧ ରାସ୍ତା ସେତୁ, ୯ କୋଟି ୪୨ ଲାଖ୍ ଟଙ୍କାର୍ ସୁନାରୀଛକ-ବଲାଣ୍ଡା ରାସ୍ତାର୍ ଉନ୍ନତିକରଣ୍

ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶ୍ରୀ ପୂଜାରୀ ଶିଲାନ୍ୟାସ୍ କରିଛନ୍ ।

ଅଭିଯୋଗ୍ ଶୁଣାଣି ଶିବିର ସମ୍ବଲପୁର/ ସୁବର୍ଣ୍ଣପୁର୍/ ବୌଦ୍ଧ/ ବର୍‌ଗଡ଼୍/ ଦେବ୍‌ଗଡ଼୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୫୯ ଟା ଅଭିଯୋଗ୍ ଆସିଥିଲା । ସେଥୁ ୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାର୍ କରାଯାଇଥିଲା । ଇ ଅବ୍‌ସରେ ରେଡ଼୍‌କ୍ରସ୍ ତର୍‌ଫୁ ୫ନେ ହିତାଧିକାରୀଙ୍କୁ ୧୫ ହଜାର୍ ଟଙ୍କା ସାହାଜ୍ ଆଉ ୨ ଟା ସ୍ୱୟଂ ସହାୟକ ଗୋଷ୍ଠୀକେ ୧୦ ଲାଖ୍ ଟଙ୍କାର୍ ଚେକ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ ବାଙ୍କିଘିର୍ଡ଼ି ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ଶହେ ୪୪ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ଭଟ୍‌ଲି ପଂଚାୟତ୍ ସମିତି ପରିସର୍ ନ ହେଇଥିବା ହେଇଥିବା ଶିବିର୍‌ଥି ୪୮ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୮୪ ଟା ଅଭିଯୋଗ୍ ଆସିଥିବାର୍ ବେଳେ ୩୧ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ପଂଚାୟତ୍ ସମିତି ପରିସର୍ ନ ହେଇଥିବା ଶିବିର୍‌ଥି ୧୨ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ପରିସର୍ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୩ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ୫ନେ ହିତାଧିକାରୀଙ୍କୁ ରେଡ଼୍‌କ୍ରସ୍ ତର୍‌ଫୁ ୧୦ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ୍  ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପାଲ୍‌ଝର୍ କୃଷି ବିଜ୍ଞାନ୍ କେନ୍ଦ୍ର ପରିସର୍ ନ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଚିପିଲିମା କୃଷି ଆଉ ଉଦ୍ୟାନ କୃଷି

ମହାବିଦ୍ୟାଳୟର କୁଳପତି ଡକ୍ଟର୍ ରଞ୍ଜନ୍ କୁମାର୍ ତରାଇ, ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ୍ ନିର୍ଦ୍ଦେଶାଳୟର୍ ଯୁଗ୍ମ ନିର୍ଦ୍ଦେଶକ୍ ଶର୍ବାଣୀ ଦାସ ଯୋଗ୍ ଦେଇଥିଲେ ।

ବାବା କପ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ନ ଚାଲିଥିବା ରାଜ୍ୟସ୍ତରୀୟ ବାବା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଫାଇନାଲ୍ ମେଚ୍‌ଥି ଭଞ୍ଜନଗର୍ ସି.ବି. ଫୁଟ୍‌ବଲ୍ ଏକାଡେମୀକେ ୨/୧ ଗୋଲ୍‌ଥି ହରେଇକରି ଭୁବ୍‌ନେଶ୍ୱର୍ ଫ୍ରେଣ୍ଡ୍‌ସ୍ ପାରାଡାଇଜ୍ ଦଲ୍ ଚାମ୍ପିଆନ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ବୌଦ୍ଧ ବିଧାୟକ୍ ସରୋଜ୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୩ ନମ୍ବର୍ ଦିନେ ଆଏଜ୍ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଏ ବଲାଙ୍ଗିର୍

ଦଲ୍ ୬/୫ ଗୋଲ୍‌ଥି ଦେବ୍‌ଗଡ୍ ଦଲ୍‌କେ ହରେଇଛେ । ଆଏବା କାଏଲ୍ ସୁବର୍ଣ୍ଣପୁର୍ ଆଉ ସୁନ୍ଦର୍‌ଗଡ୍ ଭିତ୍‌ରେ ମେଚ୍ ଖେଲାଯିବା ।

ପୁରୁଷ ହକି ପ୍ରୋ ଲିଗ୍          ଆଇ.ଆଣ୍ଡ୍.ପି.ଆର୍

ଫେଡ୍‌େରେସନ୍ ଅଫ୍ ହକି ଇଣ୍ଡିଆ ତର୍‌ଫୁ ହଉଥିବା ପୁରୁଷ ହକି ପ୍ରୋ ଲିଗ୍ -୨୦୨୫-୨୬ର ରାଉର୍‌କେଲା ଖେପ୍ ମେଚ୍ ଆଏବା କାଏଲ୍‌ଠାନୁ ମୁଳ୍ ହେବା । ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଆଏବା ୧୫ ତାରିଖ୍‌ତକ୍ ଫି' ଦିନର୍ ସଞ୍ଜ୍‌ବେଲର୍ ସାଢ଼େ ୭ ବଜେ ସବୁ ମେଚ୍ ଖେଲାଯିବା । ଇ ଖେପ୍‌ଥି ଆୟୋଜକ ଭାରତ୍, ବେଲ୍‌ଜିୟମ୍ ଆଉ ଆର୍ଜେଂଟିନା ଭିତ୍‌ରେ ମେଚ୍ ଖେଲାଯିବା । ଆଏବା କାଏଲ୍ ପହେଲା ମେଚ୍ ଭାରତ୍ ଆଉ ବେଲ୍‌ଜିୟମ୍ ଭିତ୍‌ରେ ଖେଲାଯିବା ବଲି ଆୟୋଜକଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା କମ୍‌ବାର୍ ସହେତେ ଶୀତ୍ ପ୍ରଭାବ୍ ଦେଖିବାର୍‌କେ ମିଲୁଛେ । ଆଏବା ୩ ଦିନ୍ ଭିତ୍‌ରେ ରାତିର୍

ତାପମାତ୍ରା ୨ ରୁ ୩ ଡିଗ୍ରୀ ତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।